**୩୬ତମ ଭାଗବତ ପାରାୟଣ**

ଢେଙ୍କାନାଳ ଅଫିସ: ଢେଙ୍କାନାଳ କୁଞ୍ଜକାନ୍ତରେ ସପ୍ତାହବ୍ୟାପୀ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦୈନିକ ସନ୍ଧ୍ୟା ୭ଟାରୁ ୯ଟା ଯାଏ ପଣ୍ଡିତ ଦାଶରଥି ସାମନ୍ତରାୟ ପ୍ରବଚନ ଦେଉଛନ୍ତି। ଅନୁଷ୍ଠାନର ସଭାପତି ନବକିଶୋର ବିଶ୍ୱାଳ, ଉପସଭାପତି ଶରତ ଦାସ, ସମ୍ପାଦକ ସର୍ବେଶ୍ୱର ବିଶ୍ୱାଳ, କୋଷାଧକ୍ଷ ଶ୍ୟାମସୁନ୍ଦର ରଣା ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି। ୧୪ ତାରିଖରେ ଏହାର ପୂର୍ଣ୍ଣାହୁତି ହେବ।

## ସଂକ୍ଷେପରେ

### ଶିକ୍ଷାବିତ୍‌ଙ୍କ ପରଲୋକ



ଢେଙ୍କାନାଳ ଅଫିସ, ୧୦।୨: ଢେଙ୍କାନାଳ ଆନନ୍ଦନଗରରେ ରହୁଥିବା ବରିଷ୍ଠ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଶତପଥୀଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ଅନ୍ତିମ ସମୟରେ ତାଙ୍କ ନିକଟର ପରିବାର ସଦସ୍ୟ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସୂଚନା ପାଇ ବହୁ ଅଞ୍ଚଳବାସୀ, ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଶିକ୍ଷାକ୍ଷେତ୍ରରେ ଅବଦାନ ପାଇଁ କୃଷ୍ଣଚନ୍ଦ୍ରଙ୍କୁ ରାଜ୍ୟପାଳ ଏବଂ ରାଷ୍ଟ୍ରପତି ପୁରସ୍କାର ମିଳିଥିଲା। ଜଣେ ଛାତ୍ରବତ୍ସଳ, ଶିକ୍ଷକ ଭାବେ ସେ ବେଶ୍ ପରିଚିତ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# 'କୋଇ'ରେ ବଢୁଛନ୍ତି କଲରାପତରିଆ

- ବନ ବିଭାଗ ଉତ୍ସାହିତ
- କଡ଼ାକଡ଼ି ହେବ ସୁରକ୍ଷା ବ୍ୟବସ୍ଥା
- ନିର୍ମାଣ କରାଯିବ ୱାଚ୍ ଟାୱାର

ଢେଙ୍କାନାଳ ଅଫିସ, ୧୦।୨

ଜୈବ ବିବିଧତାରେ ଭରପୂର ଢେଙ୍କାନାଳ ଜିଲାର ସଂରକ୍ଷିତ ଜଙ୍ଗଲରେ ଦୀର୍ଘବର୍ଷ ହେଲା ବିଲୁପ୍ତ ହୋଇଯାଇଛି ମହାବଳ ବଂଶ। ଏହାର ଅଭାବକୁ ଏବେ ପୂରଣ କରୁଛନ୍ତି କଲରାପତରିଆ। ସାତକୋଶିଆ ସୀମାନ୍ତ ହିନ୍ଦୋଳ ରେଞ୍ଜ୍‌ର କୋଇ ଏବଂ କନ୍ଧରା ସଂରକ୍ଷିତ ଜଙ୍ଗଲ ଏବେ ଏମାନଙ୍କ ମୁଖ୍ୟ ବିଚରଣ ସ୍ଥଳୀ ପାଲଟିଛି। ତେବେ ମାଂସଲୋଭୀ ଶିକାରୀଙ୍କ ଫାଶ କଲରାପତରିଆଙ୍କ ପାଇଁ ବିପଦ ସାଜିଥିବାବେଳେ ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

ଗତବର୍ଷ ବାଘ ଗଣନାରୁ ଜିଲାର ବିଭିନ୍ନ ଜଙ୍ଗଲରେ ୭ଟି କଲରାପତରିଆ ଥିବା ଜଣାପଡ଼ିଥିଲା। ଚଳିତବର୍ଷ ଏହି ସଂଖ୍ୟା ୯କୁ ବୃଦ୍ଧି ପାଇଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ତେବେ ପୁନର୍ବାର ଗଣନା କରାଗଲେ ଏମାନଙ୍କ ପ୍ରକୃତ ସଂଖ୍ୟା କେତେ, ତାହା



ଟ୍ରାପ୍ କ୍ୟାମେରାରେ ଧରାପଡ଼ିଥିବା ବାଘ।

ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସାତକୋଶିଆ ସୀମାନ୍ତ ଘଞ୍ଚ କୋଇ ସଂରକ୍ଷିତ ଜଙ୍ଗଲରେ ଅଧିକାଂଶ ସମୟରେ କଲରାପତରିଆ ବିଚରଣ କରୁଥିବା ବେଳେ ଟ୍ରାପ୍ କ୍ୟାମେରାରେ ସେମାନଙ୍କ ଗତିବିଧି କଏଦ ହେଉଛି। ଜଙ୍ଗଲ ଚତୁଃପାର୍ଶ୍ୱରେ ୧୦ ଗ୍ରାମ ଥିବାବେଳେ ସମ୍ପୃକ୍ତ ଅଞ୍ଚଳବାସୀ ବାଘଙ୍କ ଗର୍ଜନ ଶୁଣୁଥିବା କହିଛନ୍ତି। ତେବେ ଶିକାରୀଙ୍କ ଉପଦ୍ରବ ଏବେ ଏହି ପ୍ରଜାତିର ବାଘଙ୍କ ପାଇଁ ବିପଦ ପାଲଟିଛି। ନିକଟରେ କୋଇ ସଂରକ୍ଷିତ ଜଙ୍ଗଲର କୋର୍ ଅଞ୍ଚଳରୁ ପଳାଇ ଆସିଥିବା ଏକ ବାଘ ଶିକାରୀଙ୍କ ବାରୁହା ଫାଶରେ ପଡ଼ି ମରିଥିଲା। ସେହିପରି ଅସୁସ୍ଥତା କାରଣରୁ ଅନ୍ୟ ଏକ ବାଘର ମୃତ୍ୟୁ ଘଟିଥିଲା। ଲଗାତର ଦୁଇଟି ବାଘମୃତ୍ୟୁ ପରେ ବନ ବିଭାଗ ସଜାଗ ହୋଇଉଠିଛି। କୋଇ ଏବଂ କନ୍ଧରା ସଂରକ୍ଷିତ ଜଙ୍ଗଲରେ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ତୃଣଭୋଜୀଙ୍କ ସଂଖ୍ୟା ବଢ଼ିଲେ ସମାନ୍ତରାଳ ଭାବେ ବାଘଙ୍କ ସଂଖ୍ୟା ବଢ଼ିବ। ବିଶେଷ କରି ହରିଣ, କୁଟୁରା ସଂଖ୍ୟା ବୃଦ୍ଧି କରିବା ଲାଗି ଜଙ୍ଗଲରେ ଘାସ ଲଗାଯିବ। କୋଇ ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବାକୁ ଏକ ୱାଚ୍ ଟାୱାର ନିର୍ମାଣ କରାଯିବ। ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ଆଭ୍ୟନ୍ତରୀଣ ଜଙ୍ଗଲରେ ଅଧିକ ଟ୍ରାପ୍ କ୍ୟାମେରା ଲଗାଯିବ। ପାଣି ଅଭାବ ଦୂର କରିବା ଲାଗି ମୃତ୍ତିକା ସଂରକ୍ଷଣ ବିଭାଗ ଜରିଆରେ ଜଳାଶୟ ଖନନ କରାଯିବ। ଏହାକୁ ବାଦ୍‌ଦେଲେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ଲାଗି ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଯାଉଥିବା ଡିଏଫ୍‌ଓ ଡ. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

# ବିଶ୍ୱ ସଙ୍କଟ ଉପରେ ଆଲୋଚନା

ଢେଙ୍କାନାଳ ଅଫିସ, ୧୦।୨

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଦର୍ଶନ ବିଭାଗ ଆନୁକୂଲ୍ୟରେ ଜାତୀୟ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତ୍ରିପୁରାର ଦର୍ଶନ ବିଭାଗ ପ୍ରଫେସର ଡ. ଆଦିତ୍ୟ କୁମାର ମହାନ୍ତି ଯୋଗଦେଇ ସମ୍ପ୍ରତି ବିଶ୍ୱ ଉପରେ ଦେଖାଦେଇଥିବା ସଙ୍କଟ, ଏହାର କାରଣ, ନିରାକରଣ ଏବଂ ଶାନ୍ତି ପ୍ରତିଷ୍ଠାର ଆବଶ୍ୟକତା ସମ୍ପର୍କରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। କଲେଜ ଅଧକ୍ଷ ପ୍ରଫେସର ରଞ୍ଜିତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭାଗୀୟ ମୁଖ୍ୟ ସାରଦା ପ୍ରସନ୍ନ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ଟୁକୁନି ସାହୁ, ଅଧ୍ୟାପକ ଭୂପେଶ ଚନ୍ଦ୍ର ସାହୁ, ଡ. ଦେବାଶିଷ ମହାନ୍ତି, ଡ. ସଞ୍ଜିତ ମହାପାତ୍ର, ଡ. ପ୍ରଶାନ୍ତ ପରିଡ଼ା, ଡ. ଅଦ୍ୱୈତ ଚରଣ ସାହୁ, ଡ. ଦେବରାଜ ପରିଡ଼ା, ଡ. ସୁରେଶ ବଳିୟାରସିଂ, ସୁମିତ୍ରା ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପିକା ବୀଣାପାଣି ତ୍ରିପାଠୀ, ଅଧ୍ୟାପକ ହୃଦାନନ୍ଦ ବେହେରା, ବିରଞ୍ଚି ନାରାୟଣ ପାଣି ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# 'ସିଦ୍ଧେଶ୍ୱରୀ ପ୍ରସାଦ ଥିଲେ ଦକ୍ଷ ଯୁବ ସଙ୍ଗଠକ'

## ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି



ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ 'ସିଦ୍ଧେଶ୍ୱରୀ ସମ୍ମାନ'ରେ ସମ୍ମାନିତ କରାଯାଉଛି।

ଢେଙ୍କାନାଳ ଅଫିସ, ୧୦।୨

ଢେଙ୍କାନାଳର ବିଶିଷ୍ଟ ଯୁବନେତା ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ର (ବାବି)ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ମୁଖ୍ୟବକ୍ତା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ବିଧାୟକ ସରୋଜ ସାମଲ, ରାଜ୍ୟ ବିହନ ନିଗମ ଅଧକ୍ଷ ବିଜୟ ନାୟକ, ପୂର୍ବତନ ନଗରପାଳ ସୁନୀଲ ଶର୍ମା, ଭୁବନ ଏନ୍‌ଏସି ଅଧକ୍ଷ ଶୁଭେନ୍ଦୁ ସାହୁ, ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗାପ୍ରସାଦ ସାମନ୍ତରାୟ, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

ସିଦ୍ଧେଶ୍ୱରୀ ପ୍ରସାଦ ଜଣେ ଦକ୍ଷ ଯୁବ ସଙ୍ଗଠକ ଥିଲେ। ଦଳମତ ନିର୍ବିଶେଷରେ ସେ ଯୁବକଙ୍କୁ ସଙ୍ଗଠିତ କରି ସାମାଜିକ କାର୍ଯ୍ୟରେ ନିୟୋଜିତ କରାଉଥିଲେ। କ୍ରିକେଟ୍, ରାଜନୀତି ସମେତ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ବିଧାୟକ ଦେବୀ ରଞ୍ଜନଙ୍କୁ 'ସିଦ୍ଧେଶ୍ୱରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମନୋରଞ୍ଜନ ପତିଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ଦେବୀ ପ୍ରସାଦ ମିଶ୍ର, ଲକ୍ଷ୍ମୀଧର ସାହୁ, ଦୁର୍ଗା ପ୍ରସାଦ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଧୂଳିରେ ଧୂମାଳ କୁଞ୍ଜକାନ୍ତ

- ରାସ୍ତା ସମ୍ପ୍ରସାରଣ ସରୁ ନ ଥିବାରୁ ଅସନ୍ତୋଷ
- ରାସ୍ତାରୋକୋ କରି ଅଞ୍ଚଳବାସୀଙ୍କ ପ୍ରତିବାଦ

ଢେଙ୍କାନାଳ ଅଫିସ, ୧୦।୨

ଗତ ଅକ୍ଟୋବରରୁ ଆରମ୍ଭ ହୋଇଥିବା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ନାଁ ଧରୁନି। ନିୟମକୁ ଅଣଦେଖା କରି ବିନା ପାଣି ସିଞ୍ଚନରେ କାମ ହେଉଛି। ଫଳରେ ଧୂଳିରେ ସୃଷ୍ଟି ହେଉଛି ଧୂମାଳ ପରିବେଶ। ଏହାଦ୍ୱାରା କେବଳ ସାଧାରଣ ଲୋକଙ୍କ ଯାତାୟାତରେ ସମସ୍ୟା ହେଉଛି ତାହା ନୁହେଁ, ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବା ମଧ କାଠିକର ପାଠ ହୋଇପଡୁଛି। ଦିନକୁ ଦିନ ସମସ୍ୟା ଜଟିଳ ରୂପ ନେଉଥିବାବେଳେ ଏହା ବିରୋଧରେ ଶୁକ୍ରବାର ରାସ୍ତାକୁ ଓହ୍ଲାଇଛନ୍ତି ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳବାସୀ।

ଅଭିଯୋଗ ଅନୁଯାୟୀ, ସହରର ୨, ୩ ଏବଂ ୪ ନଂ. ୱାର୍ଡ ଅଧୀନ ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ କାମ ଗତ ଅକ୍ଟୋବରଠାରୁ ଆରମ୍ଭ ହୋଇଛି। ବିଶେଷ କରି ବ୍ୟସ୍ତବହୁଳ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ରଜନାଥ ବଡ଼ଜେନା ହାଇସ୍କୁଲ ପର୍ଯ୍ୟନ୍ତ ହେଉଥିବା ରାସ୍ତାକାମ ଯୋଗୁ ସମଗ୍ର ଅଞ୍ଚଳ ଧୂଳିମୟ ହୋଇପଡୁଛି। ଏହି ରାସ୍ତାରେ ଶତାଧିକ ଯାନବାହନ ଚଳାଚଳ କରୁଥିବାବେଳେ ପ୍ରଦୂଷଣ ସୀମା ଟପିଲାଣି। ଯକ୍ଷ୍ମା, ଶ୍ୱାସ, ଏଲର୍ଜିରେ ଆକ୍ରାନ୍ତ ରୋଗୀ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ଏ ନେଇ ଜିଲା ପ୍ରଶାସନ, ପୌର କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାର ପ୍ରତିବାଦରେ ଅପରାହ୍ନ ୫ଟାରେ କୁଞ୍ଜକାନ୍ତ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଅଞ୍ଚଳବାସୀଙ୍କ ବୁଝାଶୁଝା କରିବା ସତ୍ତ୍ୱେ ସୁଫଳ ମିଳି ନ ଥିଲା। ଶେଷରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଅସିତ କୁମାର ଦାସ ପହଞ୍ଚି କାମ ସରିବା ଯାଏ ଦୈନିକ ୩ ଥର ପାଣି ସିଞ୍ଚନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।



କୁଞ୍ଜକାନ୍ତଠାରେ ରାସ୍ତାରୋକୋ କରାଯାଇଛି।

ଏ ନେଇ ବ୍ୟବସାୟୀ ସନ୍ତୋଷ କୁମାର ବେହେରା କୁହନ୍ତି, ଯେହେତୁ ରାସ୍ତା ସମ୍ପ୍ରସାରଣ କାମ ଚାଲିଛି; ତେଣୁ ଯାନବାହନ ଧୀମା ଗତିରେ ଯିବାଆସିବା ଲାଗି ସୂଚନା ଫଳକ ଲଗାଯିବା ଜରୁରୀ। ହେଲେ ଏହା କରାଯାଉ ନ ଥିବାରୁ ଯାନବାହନ ଦ୍ରୁତଗତିରେ ଯାତାୟାତ କରୁଛନ୍ତି। ତେଣୁ ପ୍ରଦୂଷଣ ବଢୁଛି। ଏ ନେଇ ଜିଲା ପ୍ରଶାସନକୁ ଅବଗତ କରିବା ସତ୍ତ୍ୱେ ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳବାସୀ ପ୍ରତିବାଦ କରିଥିଲେ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, କାମ ସରିବା ପର୍ଯ୍ୟନ୍ତ ୩ଥର ପାଣି ପକାଇବା ପାଇଁ ଠିକାଦାରଙ୍କୁ କୁହାଯାଇଛି। ଗଛ କାଟିବା, ବିଦ୍ୟୁତ୍ ଖୁଣ୍ଟ ଓ ତାର ସ୍ଥାନାନ୍ତରରେ ବିଳମ୍ବ କାରଣରୁ ରାସ୍ତାକାମ ସରିବାରେ ଡେରି ହେଉଛି। ତଥାପି ଶୀଘ୍ର କାମ ସାରିବା ଲାଗି ଉଦ୍ୟମ କରାଯାଉଥିବା ସେ ସୂଚନା ଦେଇଛନ୍ତି।

# ଉନ୍ନତ ହେବ ଶୌଚାଳୟ

ଢେଙ୍କାନାଳ ଅଫିସ, ୧୦।୨

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର ନବଜୀବନପୁର-ସଦେଇବେରେଣୀସ୍ଥିତ କଳାକୃତି ଗ୍ରାମ ସଭାଗୃହ ପରିସରରେ ଗୁରୁବାର ଏକଦିବସୀୟ ଆଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକର ୩୦ ପଞ୍ଚାୟତରେ ନିର୍ମାଣ କରାଯାଇଥିବା ପାଇଖାନାଗୁଡ଼ିକୁ ଦୁଇଗାତ ବିଶିଷ୍ଟ ଶୌଚାଳୟରେ ପରିଣତ କରାଯିବ ବୋଲି ଆଲୋଚନା ହୋଇଛି। ବ୍ଲକର ସମସ୍ତ ସରପଞ୍ଚ, ପଞ୍ଚାୟତ କର୍ମଚାରୀ, ଏସ୍‌ଏଚ୍‌ଜି ସଭାପତି ଓ ସମ୍ପାଦକମାନେ ଆଲୋଚନାରେ ଭାଗ ନେଇଥିଲେ। ବିଡିଓ ସୁଧୀର କୁମାର ନାୟକଙ୍କ ସମେତ ୟୁନିସେଫ୍ ପରାମର୍ଶଦାତା, ପ୍ରକଳ୍ପ ସଂଯୋଜକ, ତାଲିମଦାତା, ଫିନିଶ ସୋସାଇଟି, ଅତିରିକ୍ତ ଶ୍ରମ ଅଧିକାରୀ, ଜିଲା ପରିମଳ ମିଶନ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ଲାଗି ବିଡିଓ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ପ୍ରତି ବ୍ଲକରେ ଆଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।




ବୈଠକରେ ବିଡିଓଙ୍କ ସମେତ ଅନ୍ୟମାନେ।

# ଜିଲାରେ ୩୧ ପାଣି ପଞ୍ଚାୟତ

ଢେଙ୍କାନାଳ ଅଫିସ, ୧୦।୨

ଢେଙ୍କାନାଳ ମିନି ଷ୍ଟାଡିୟମ୍‌ରେ ଶୁକ୍ରବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ ସେଠୀ କହିଲେ, ଜିଲାରେ ୩୧ଟି ପାଣି ପଞ୍ଚାୟତ ଗଠନ କରାଯାଇଛି । ପାଣି ପଞ୍ଚାୟତ ମାଧ୍ୟମରେ ଧାନ ବ୍ୟତୀତ ଅଣଧାନ ଚାଷ ସୁବିଧାରେ ହୋଇପାରିବ। ପାଣିର ଅପଚୟ ନ କରି ଏହାର ସୁବିନିଯୋଗ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଉପସଭାନେତ୍ରୀ ବିଳାସିନୀ ସେଠୀ, ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରେଙ୍ଗାଳି ଦକ୍ଷିଣ ଜଳସେଚନ ପ୍ରକଳ୍ପର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଦୀପ ପ୍ରଧାନ ଆଲୋଚନାରେ ଭାଗନେଇ କହିଲେ, କୃଷିର ଉନ୍ନତି ପାଣି ପଞ୍ଚାୟତର ମୂଳଲକ୍ଷ୍ୟ। ଜଳ ଅପଚୟ ରୋକିବା ଦିଗରେ ଯତ୍ନବାନ ହେବାକୁ ଚାଷୀଙ୍କୁ ସଚେତନ କରାଯିବ ବୋଲି ସେ କହିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ନିହାର ରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ ତୋଷ, ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ବଂଶୀଧର ସ୍ୱାଇଁ, ଦେବରାଜ ସାହୁ, ବରିଷ୍ଠ ଚାଷୀ ନିରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରରେ ଅନୁଷ୍ଠିତ ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।





ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

# ତିତ୍‌ଲି ୱାରିୟର୍ସ ଚାମ୍ପିୟନ୍

ପରଜଙ୍ଗ, ୧୦।୨(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତ ପରମହଂସପୁର ଗ୍ରାମ ପଡ଼ିଆରେ ଚାଲିଥିବା ୩ୟ ପରମହଂସପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ୍ ମ୍ୟାଚ୍‌ରେ ରୟାଲ ଷ୍ଟ୍ରାଇକର୍ସକୁ ହରାଇ ତିତ୍‌ଲି ୱାରିୟର୍ସ ଚାମ୍ପିୟନ୍ ହୋଇଛି। ତିତ୍‌ଲି ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୫୬ ରନ୍ ସଂଗ୍ରହ କରିଥିଲା। ଜବାବରେ ରୟାଲ୍ ଷ୍ଟ୍ରାଇକର୍ସ ୭ ଉଇକେଟ ହରାଇ ୧୫୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦୀନେଶ ବିଶ୍ୱାଳ ଓ ଲକ୍ଷ୍ମୀଧର ବିଶ୍ୱାଳ ଅମ୍ପାୟରିଂ କରିଥିଲେ।

ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଏମ୍ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ପ୍ଲାଣ୍ଟର ମ୍ୟାନେଜର ଲକ୍ଷ୍ମଣ ପ୍ରଧାନ, ମୁଖ୍ୟବକ୍ତା ମାନବ ସମ୍ବଳ ବିଭାଗ ଅଧିକାରୀ ତପନ ଧର, ସମ୍ମାନିତ ଅତିଥି କୁଆଲୋ ସରପଞ୍ଚ ଅଜିତ ସାହୁ, ପୂର୍ବତନ ସରପଞ୍ଚ ଅନିଲ ଭୂତିଆ, ରୋହିତ ଜେନା ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳର କ୍ୟାପଟେନ୍ ବିଷ୍ଣୁ ସାହୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ' ଏବଂ ଦୀନେଶ ବିଶ୍ୱାଳ 'ମ୍ୟାନ୍ ଅଫ୍ ଦି ସିରିଜ୍' ବିବେଚିତ ହୋଇଥିଲେ। ସୂଚନାଯୋଗ୍ୟ, ଜିଏମ୍ ଆଇରନ୍ ଆଣ୍ଡ୍ ଷ୍ଟିଲ୍ କମ୍ପାନୀ ଟୁର୍ନାମେଣ୍ଟର ପ୍ରାୟୋଜକ ରହିଥିବାବେଳେ ୫ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ।

# 'ମହୋତ୍ସବ ପ୍ରତିଭା ବିକାଶର ମଞ୍ଚ'

## କାମାକ୍ଷାନଗର ମହୋତ୍ସବ ତୃତୀୟ ସନ୍ଧ୍ୟା

କାମାକ୍ଷାନଗର, ୧୦।୨(ଡି.ଏନ୍.ଏ.)

ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ ପାଇଁ ମହୋତ୍ସବ ହେଉଛି ପ୍ରକୃଷ୍ଟ ମଞ୍ଚ। ଏଭଳି କାର୍ଯ୍ୟକ୍ରମ ଅଧିକରୁ ଅଧିକ ହେଲେ ଗ୍ରାମାଞ୍ଚଳ ପ୍ରତିଭା ଲୋକଲୋଚନକୁ ଆସିପାରିବେ ବୋଲି କହିଛନ୍ତି ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ। ପ୍ରଥମ କାମାକ୍ଷାନଗର ମହୋତ୍ସବର ଶୁକ୍ରବାର ତୃତୀୟ ସନ୍ଧ୍ୟାର ଆୟୋଜିତ ସାଂସ୍କୃତିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏଭଳି ବକ୍ତବ୍ୟ ରଖିଥିଲେ। ମହୋତ୍ସବ କମିଟି ସଭାପତି ତଥା ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଉତ୍ତରାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ ଦରୱାନ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ସିନେ ପ୍ରଯୋଜକ ଜ୍ୟୋତିରଞ୍ଜନ ମହାନ୍ତି, ଅଭିନେତା ମଣ୍ଟୁ ଶୁଭାଶିଷ, ପରଜଙ୍ଗ ବିଡିଓ ସଂଗ୍ରାମ କେଶରୀ ଭୋଳ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିପୂର୍ବରୁ ଅପରାହ୍ନରେ ପାରମ୍ପରିକ ଲୋକନୃତ୍ୟ, ଆଞ୍ଚଳିକ କଳାକାରଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଅଭିନେତା ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, କଣ୍ଠଶିଳ୍ପୀ ସ୍ୱୟମ୍ ପାଢ଼ୀ, ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। କାର୍ଯ୍ୟକ୍ରମ ଦେଖିବାକୁ ଅସମ୍ଭାଳ ଭିଡ଼ ହୋଇଥିଲା। ଅନ୍ୟପଟେ ଦ୍ୱିତୀୟ ଦିବସ ପଲ୍ଲିଶ୍ରୀ ମେଳାରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ଦିଆଯାଇଛି।



ତୃତୀୟ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



ଅନ୍ତରା ଚକ୍ରବର୍ତ୍ତୀ।



ସ୍ୱୟମ୍ ପାଢ଼ୀ



ବୁଦ୍ଧାଦିତ୍ୟ।



ଗଞ୍ଜାମର ପଶୁ ନୃତ୍ୟ।

